## ସଂକ୍ଷେପରେ

### ଏପ୍ରିଲ ୧ ପର୍ଯ୍ୟନ୍ତ ଦର୍ଶନ ବନ୍ଦ

**ବାରିପଦା ଅଫିସ, ୨୦।୩:** ଶୁକ୍ରବାରଠାରୁ ଜିଲାରେ ଥିବା ମନ୍ଦିର, ମସଜିଦ,ଚର୍ଚ୍ଚ ଓ ଗୁରୁଦ୍ୱାରକୁ କୌଣସି ପର୍ଯ୍ୟଟକ ଓ ଭକ୍ତମାନେ ଯାଇପାରିବେ ନାହିଁ। କରୋନାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ ବୋଲି ଜିଲାପାଳ ବିନୀତ ଭରଦ୍ୱାଜ ନିର୍ଦ୍ଦେଶ ଦେଇଛନ୍ତି। ସେହଭିଳି ପୂର୍ବରୁ ଜାରି ହୋଇଥିବା ବିଭିନ୍ନ ଧାର୍ମିକ କାର୍ଯ୍ୟ ଓ ବିବାହ ଉତ୍ସବରେ ୫୦ ଜଣରୁ ଊର୍ଦ୍ଧ୍ୱ ନ ଯିବା କଟକଣା ବଳବତ୍ତର ରହିଛି। ସାମାଜିକ ଦୂରତା ଅବଲମ୍ବନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ବୁଢ଼ା,ବୃଦ୍ଧ,ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ଛାତ୍ରୀଛାତ୍ରମାନଙ୍କ ସ୍କଲାରଶିପ୍ ଟଙ୍କାକୁ ପଠାଇବା ପାଇଁ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

### ଭଡ଼ାଘରୁ ମୋବାଇଲ, ଲାପ୍‌ଟପ ଚୋରି

**ବାରିପଦା ଅଫିସ, ୨୦।୩:** ବାରିପଦା ଷ୍ଟେଶନ ବଜାର ନିକଟସ୍ଥ ଏକ ଭଡ଼ା ଘରୁ ଜଣେ ବ୍ୟକ୍ତିଙ୍କ ମୋବାଇଲ ଓ ଲାପ୍‌ଟପ ଚୋରି ହୋଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଚାନ୍ଦୁଆ ଅଞ୍ଚଳର ଭାଗବତ ପ୍ରସାଦ ମୁର୍ମୁ ଦୀର୍ଘ ଦିନ ହେବ ବାରିପଦା ଷ୍ଟେଶନ ବଜାର ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ଗତ ୧୮ ତାରିଖରେ ସେ ନ ଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ ଘରେ ପଶି ତାଙ୍କ ମୋବାଇଲ ଓ ଲାପ୍‌ଟପ ଚୋରି କରି ନେଇଥିବା ଶୁକ୍ରବାର ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୧୭୦/୨୦) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ସବୁଠି କରୋନା ସଚେତନତା ପ୍ରଭାବ

**ବାଙ୍ଗିରିପୋଷି,୨୦।୩(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଅଞ୍ଚଳରେ ମହାମାରୀ କରୋନା ସହ ଲଢେଇ ଲାଗି ସମସ୍ତେ ହୁସିଆର ହୋଇ ପଡ଼ିଛନ୍ତି। ଏଭଳି ସ୍ଥିତିରେ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ସଚେତନ ହୋଇ ଥିବା ଦେଖିବାକୁ ମିଳିଛି। ଦରକାର ଥିଲେ ବା ନ ଥିଲେ ମଧ ଘରୁ ବାହାରିବା ମାତ୍ରେ ସମସ୍ତେ ମୁହଁକୁ ଢାଙ୍କି ବାହାରୁଛନ୍ତି। ଅଧିକାଂଶ ଯୁବପିଢ଼ି ଓ କର୍ମଜୀବୀ ମାସ୍କ ପିନ୍ଧି ବାହାରୁଥିବା ଲକ୍ଷ୍ୟ କରାଯାଉଛି। କରୋନା ଉପରେ ବ୍ୟାପକ ପ୍ରଚାର ପ୍ରସାର ପରେ ଏବେ ସହର ବଜାରରେ ମାସ୍କର କୃତ୍ରିମ ଅଭାବ ଦେଖା ଦେଇଛି । ତେଣୁ ଅଧିକାଂଶ ଆଉ ମାସ୍କ ନ କିଣି ଅନ୍ୟ ଉପାୟ ଅବଲମ୍ବନ କରୁଛନ୍ତି। ବାଙ୍ଗିରିପୋଷି ଥାନା ପରିସରରେ ହାତଧୁଆ ବ୍ୟବସ୍ଥା କରାଯିବା ସହିତ କରୋନା ସଚେତନତା ବାର୍ତ୍ତା ଦିଆଯାଉଛି । ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରୀ ଦୟାନାଧି ଦାସଙ୍କ ତତ୍ତ୍ୱାବଧାନରେ ଥାନାକୁ ଆସୁଥିବା ପ୍ରତ୍ୟେକ କର୍ମଚାରୀ ଓ ଅଭିଯୋଗକାରୀ ପ୍ରଥମେ ହାତ ଧୋଇ ଥାନା ଭିତରକୁ ପ୍ରବେଶ କରିବା ପାଇଁ ସଚେତନ କରାଯାଉଛି।

### କରୋନା ମୁକାବିଲା ନେଇ କର୍ମଶାଳା

**ବୈଶିଙ୍ଗା,୨୦।୩ (ଡ଼ି.ଏନ୍.ଏ.):** ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା, କେନ୍ଦୁଆ ଓ ଆମ୍ବଗଡ଼ିଆ ପଞ୍ଚାୟତରେ କରୋନା ସଂକ୍ରମଣ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସମସ୍ତ ନିର୍ବାଚିତ ୱାର୍ଡ ସଭ୍ୟମାନେ ଅଂଶ ଗ୍ରହଣ କରିଥିଲେ। ଆମ୍ବଗଡ଼ିଆ ପଞ୍ଚାୟତ ଅଫିସଠାରେ ଆୟୋଜିତ କର୍ମଶାଳାରେ ସରପଞ୍ଚ ସହଦେବ ସିଂ, ନାଏବ ସରପଞ୍ଚ ପୁଷ୍ପଲତା ସିଂ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିତ୍ତରଞ୍ଜନ ସି, ସମସ୍ତ ଆଶାକର୍ମୀ, ଗ୍ରାମ ରୋଜଗାର ସେବକ, ଯୋଗାଣ ସହାୟକ ଏବଂ ୧୩ ଟି ୱାର୍ଡର ୱାର୍ଡସଭ୍ୟ ଯୋଗ ଦେଇଥିଲେ। ବୈଶିଙ୍ଗା ପଞ୍ଚାୟତ ଅଫିସଠାରେ ସରପଞ୍ଚ ଇନ୍ଦ୍ରାବତୀ ମୁର୍ମୁ, ସମିତି ସଭ୍ୟ ଆଶିଷ ମାରାଣ୍ଡି , ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମମତା ନାୟକ , ଯୋଗାଣ ସହାୟକ ରାଧାକୃଷ୍ଣ ନାୟକ, ପିଏଜି ବୀରେନ୍ଦ୍ର କୁମାର ପତି ଓ ବସନ୍ତ କୁମାର ରାଉତ ଏବଂ ସମସ୍ତ ୱାର୍ଡସଭ୍ୟ ଅଂଶ ଗ୍ରହଣ କରିଥିଲେ। ସେହିପରି କେନ୍ଦୁଆ ପଞ୍ଚାୟତ ଅଫିସଠାରେ ଆୟୋଜିତ କରୋନା ସଂକ୍ରମଣ ସମ୍ପର୍କିତ କର୍ମଶାଳାରେ ସରପଞ୍ଚ ସ୍ୱିଗ୍ଧାରାଣୀ ହାଁସଦା, ସମିତି ସଭ୍ୟା ଲିଲି ସିଂ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବ୍ରହ୍ମାନନ୍ଦ ମିଶ୍ରଙ୍କ ସମେତ ସମସ୍ତ ୱାର୍ଡସଭ୍ୟ ଅଂଶ ଗ୍ରହଣ କରିଥିଲେ।

# ଚାକିରି ଅପେକ୍ଷାରେ ୩୩,୭୨୧ ବେକାର

**୫ ବର୍ଷରେ ନାମ ପଞ୍ଜୀକରଣ କରିଛନ୍ତି ୩୮,୦୮୫ ଯୁବତୀ ଯୁବକ**

ବାରିପଦା ଅଫିସ, ୨୦।୩

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ବର୍ତ୍ତମାନ ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି। ପ୍ରତିବର୍ଷ ବେକାରିଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲୁଛି। ସରକାରଙ୍କ ପକ୍ଷରୁ ନିଯୁକ୍ତି ମେଳା ଆୟୋଜନ କରାଯାଉଛି। ବିଜୁ ଦକ୍ଷତା କେନ୍ଦ୍ର ଓ ପ୍ରଧାନମନ୍ତ୍ରୀ କୌଶଳ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବତୀଯୁବକମାନଙ୍କୁ ତାଲିମ ଦିଆଯାଉଛି। କିନ୍ତୁ ବାସ୍ତବରେ ଏହାର ସଫଳତା ମିଳୁ ନ ଥିବା ଦେଖିବାକୁ ମିଳୁଛି। ଜିଲା ନିୟୋଜନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ଜିଲାରେ ଗତ ୫ ବର୍ଷ ମଧ୍ୟରେ ମୋଟ ୩୮,୦୮୫ ଯୁବତୀଯୁବକ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୨,୭୬୮ ଯୁବତୀ ଓ ୨୫,୩୧୭ ଯୁବକ ରହିଛନ୍ତି। ପଞ୍ଜୀକୃତ ୩୮,୦୮୫ ଜଣଙ୍କ ମଧ୍ୟରୁ ମାତ୍ର ୪,୩୬୪ ଜଣ ନିଯୁକ୍ତି ପାଇଥିବା ଜଣାପଡ଼ିଛି। ୫୯୩ଜଣ ବିଭିନ୍ନ ସରକାରୀ ସଂସ୍ଥାରେ ନିଯୁକ୍ତି ପାଇଥିବା ବେଳେ ୧୨୮୨ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିଭଳି ୩ ବର୍ଷରେ ଜିଲାରେ ହୋଇଥିବା ନିଯୁକ୍ତି ମେଳାରେ ୨୪୮୯ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଫଳରେ ବର୍ତ୍ତମାନ ଜିଲାରେ ୩୩,୭୨୧ ଜଣ ବେକାର ଯୁବତୀ ଯୁବକ ଚାକିରି ଅପେକ୍ଷାରେ ଅଛନ୍ତି। ମାତ୍ର ୪୩୬୪ ଜଣ ନିଯୁକ୍ତି ପାଇବା ଘଟଣା ଜିଲାର ପ୍ରତିବର୍ଷ ହେଉଥିବା ନିଯୁକ୍ତିମେଳା ଓ ଜିଲା ନିୟୋଜନ କାର୍ଯ୍ୟାଳୟର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।



ଜିଲା ନିୟୋଜନ କାର୍ଯ୍ୟାଳୟ।

ଉଲ୍ଲେଖଯୋଗ୍ୟ, ଶିଳ୍ପବିହୀନ ମୟୂରଭଞ୍ଜ ଜିଲାରେ କୌଣସି ଶିଳ୍ପ ନ ଥିବାରୁ ଏଠାକାର ଯୁବତୀଯୁବକମାନେ କାମ ଅନ୍ୱେଷଣରେ ଜିଲା ତଥା ରାଜ୍ୟ ବାହାରକୁ ଯାଉଛନ୍ତି। ସେହିଭଳି ଜିଲାରେ ଥିବା ସରକାରୀ ସଂସ୍ଥାରେ ନିଯୁକ୍ତି ଖୁବ କମ୍। ଯେଉଁ ଅଳ୍ପ ନିଯୁକ୍ତି ଦିଆଯାଉଛି ତାହା ପୁଣି ଠିକା ସଂସ୍ଥା (ଆଉଟସୋର୍ସିଂ) ମାଧ୍ୟମରେ। ଫଳରେ ଜିଲାରେ ବେକାରି ସମସ୍ୟା ଦୂର ହୋଇପାରୁ ନାହିଁ। ପୂର୍ବରୁ ଜିଲାରେ ଅଶିକ୍ଷିତ ବେକାରିଙ୍କ ସଂଖ୍ୟା ବଢୁଥିବା ବେଳେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲା ସଦର ମହକୁମାରେ ଜିଲା ନିୟୋଜନ କାର୍ଯ୍ୟାଳୟ ରହିଛି। ନାମ ପଞ୍ଜୀକରଣ କରିବାକୁ ହେଲେ ଜିଲା ନିୟୋଜନ କାର୍ଯ୍ୟାଳୟରୁ ଦିଆଯାଉଥିବା ଫର୍ମରେ କେତେକ ତଥ୍ୟ ଦେବାକୁ ପଡ଼ିଥାଏ। ନିଜର ସମସ୍ତ ତଥ୍ୟ ଦେଇ ସାରିଲା ପରେ କେଉଁ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଚାହୁଁଛନ୍ତି ସେ ନେଇ ମଧ ସ୍ପଷ୍ଟ କରିବାକୁ ପଡ଼ିଥାଏ। ଏପରିକି ଜିଲାରେ ସ୍ନାତକ ପାସ୍ କରିଥିବା ପିଲାମାନେ ବି ଡିଟିପି ଅପରେଟର ଓ ସୁରକ୍ଷାକର୍ମୀ ଭାବେ ଅତି କମ୍ ଦରମାରେ କାର୍ଯ୍ୟ କରିବା ପାଇଁ ଫର୍ମରେ ଉଲ୍ଲେଖ କରୁଥିବା ଦେଖିବାକୁ ମିଳୁଛି। ପ୍ରତିବର୍ଷ ଜିଲାରେ ଛାତ୍ରୀଛାତ୍ରମାନେ ବିଭିନ୍ନ ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ନାମକରା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମଧ ରହିଛି। ପ୍ରତିବର୍ଷ ଜିଲାରେ ପିଲାମାନେ ଭଲ ମାର୍କ ରଖୁଥିବା ବେଳେ ୩୩,୭୨୧ ଜଣ ବେକାର ଯୁବତୀଯୁବକ ଥିବା ଘଟଣାକୁ ନେଇ ସାଧାରଣରେ ଉଦବେଗ୍ ପ୍ରକାଶ ପାଇଛି। ପଢ଼ା ଶେଷ ପରେ କାମଧନ୍ଦା ନ ପାଇ ବହୁ ଯୁବତୀଯୁବକ କର୍ମ ଅନ୍ୱେଷଣରେ ବାହାର ରାଜ୍ୟ ଏବଂ ଦେଶକୁ ଯାଇ ଠକାମିର ଶିକାର ହେଉଥିବା ମଧ ପରିଲକ୍ଷିତ ହେଉଛି। ଏପରି ସ୍ଥଳେ ଜିଲାରେ ଥିବା ରାଜନୈତିକ ବ୍ୟକ୍ତିମାନେ ଜିଲାରେ କୌଣସି ଶିଳ୍ପ ପ୍ରତିଷ୍ଠା ଲାଗି ଉଦ୍ୟମ କରି ବେକାରମାନଙ୍କୁ ନିଯୁକ୍ତି ପ୍ରଦାନ ସହ ଜିଲାକୁ ଉନ୍ନତି ଆଡ଼କୁ ଅଗ୍ରସର କରିବାକୁ ସାଧାରଣରେ ଦାବି ହେଉଛି।

## 'କରୋନା' ପାଇଁ ବିଶ୍ୱଶାନ୍ତି ଯଜ୍ଞ


କରୋନା ନିୟନ୍ତ୍ରଣ ପାଇଁ ଅନୁଷ୍ଠିତ ବିଶ୍ୱଶାନ୍ତି ଯଜ୍ଞ।

ବାଙ୍ଗିରିପୋଷି,୨୦।୩(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକର ନିଶ୍ଚିନ୍ତା ଗ୍ରାମରେ 'ଗାଁକୁ ଫେରିଚାଲ' ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର କରୋନା ଭୂତାଣୁର ନିୟନ୍ତ୍ରଣ ପାଇଁ ୪ ଘଣ୍ଟା ବ୍ୟାପି ପାଞ୍ଚ କୁଣ୍ଡିୟ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। କୋରନା ଭୂତାଣୁ ପ୍ରତିକାର ନିମନ୍ତେ ମୁନିଋଷିଙ୍କ ପ୍ରଦତ୍ତ ହିମାଳୟରୁ ଆସିଥିବା ଔଷଧିୟ ସାମଗ୍ରୀ ଦ୍ୱାରା ଯଜ୍ଞ ସମାପନ କରାଯାଇଥିଲା । ଆୟୋଜକ ଅନୁଷ୍ଠାନର ମୁଖ୍ୟ ନବ କୁମାର ମାଇତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଞ୍ଚଳର ବହୁ ଜନ ସାଧାରଣ ଏଥିରେ ଯୋଗ ଦେଇଥିଲେ। ବହୁ ଦମ୍ପତି ଘୃତାହୂତି ଦେଇଥିଲେ । ରାମ ଗୋପାଳପୁରର ରବିନାରାୟଣ ମହାନ୍ତି,ନଳଗଜାର ଗୁରୁପ୍ରସାଦ ମହାନ୍ତି ,ବିନୟ କୁମାର ସିଂ, ଡ.ପବିତ୍ର କୁମାର ମାଇତି, ନରହରି ସାହୁ ପ୍ରମୁଖ ସସ୍ତ୍ରୀକଙ୍କ ସହ ନିକଟସ୍ଥ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## ଘରେ ପଶିଲା ଡ୍ରେନ୍ ପାଣି,ପ୍ରତିବାଦରେ ରାସ୍ତାରୋକୋ

ବାରିପଦା ଅଫିସ, ୨୦।୩

ଗୁରୁବାର ରାତିରେ ହୋଇଥିବା ବର୍ଷାରେ ବାରିପଦା ପୌରପରିଷଦର ୨୭ନଂ. ୱାର୍ଡ଼ ତୁଳସୀଚଉରା ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ବ୍ୟକ୍ତିଙ୍କ ଘରେ ଡ୍ରେନ ପାଣି ପଶି ଯାଇଥିଲା। ଏହାର ପ୍ରତିବାଦରେ ଶୁକ୍ରବାର ସକାଳେ ୭ଟାରେ ଅଞ୍ଚଳବାସୀ ତୁଳସୀଚଉରା ଛକଠାରେ ରାସ୍ତାରୋକେ କରିଥିଲେ। ଅଭିଯୋଗ ଅନୁଯାୟୀ ଅଞ୍ଚଳ ଦେଇ ଯାଇଥିବା ଡ୍ରେନ୍‌କୁ ପୌରପିଷଦ ସଫା କରୁ ନ ଥିବାରୁ ଏଭଳି ସୁବିଧା ହେଉଛି। ସେହିଭଳି ନୂତନ ଡ୍ରେନ୍ ନିର୍ମାଣ ପାଇଁ ଦାବି କରାଯାଉ ଥିଲେ ମଧ ଡ୍ରେନ୍ କାମ ହେଉ ନାହିଁ। ଗୁରୁବାର ରାତିରେ ପ୍ରବଳ ବର୍ଷା ହେବାରୁ ଲୋକମାନଙ୍କ ଘରେ ପାଣି ପଶି ଯାଇଥିଲା। ଏପରିକି କିଛିଲୋକ ଘରେ ପାଣି ପଶି ଯାଇଥିବାରୁ ସେମାନେ ରୋଷେଇ କରି ପାରି ନ ଥିବା ପ୍ରକାଶ କହିଛନ୍ତି। ଶୁକ୍ରବାର ତୁଳସୀଚଉରାଠାରୁ ତକତପୁରକୁ ଯାଇଥିବା ରାସ୍ତାକୁ ଅବରୋଧ କରାଯିବା ଫଳରେ ଉକ୍ତ ରାସ୍ତାରେ ଯାନବହାନ ଚଳାଚଳ ଠପ୍ ହୋଇ ପଡ଼ିଥିଲା। ଖବର ପାଇ ଟାଉନ ପୋଲିସ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଆସି ଲୋକଙ୍କୁ ବୁଝାସୁଝା କରିବା ସହିତ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ସକାଳ ୯ଟ ୩୦ରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଆଗାମୀ ଦିନରେ ଏହାର ସମାଧାନ ନ ହେଲେ ଅଞ୍ଚଳବାସୀ ପୁନର୍ବାର ରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡ଼ିଓ ଶାନ୍ତନୁ ନାୟକ ନାଳକୁ ସଫା କରି ଡ୍ରେନ୍ କାମ ଆରମ୍ଭ ହେବ ବୋଲି କହିଛନ୍ତି।


ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି।

## ସ୍ୱଚ୍ଛତା ବଜାୟ ରଖିବାକୁ ବଣିକ ସଂଘର ପରାମର୍ଶ

ଉଦଳା,୨୦।୩(ଡି.ଏନ.ଏ)

ଉଦଳା ବଣିକ ସଂଘ ପକ୍ଷରୁ କରୋନା ସଚେତନତା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ସଂଘର ସଭାପତି ରବୀନ୍ଦ୍ର ପରିଡା, ସମ୍ପାଦକ ଧୀରେନ୍ଦ୍ର ଖଣ୍ଡେଲୱାଲ୍, ଉପସଭାପତି ଗଣେଶ୍ୱର ବାରିକ, ଜଗନ୍ନାଥ କମିଟିର ସଭାପତି ଲକ୍ଷ୍ମଣ ନାୟକ, ପୂର୍ବତନ କାଉନସିଲର ପ୍ରଭାତ କୁମାର ପରିଡା ପ୍ରମୁଖ ଡାକବାଜି ଯନ୍ତ୍ର ସହାୟତାରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କର ସ୍ୱଚ୍ଛତା ବାର୍ତ୍ତାକୁ ବଜାୟ ରଖିବା ନିମନ୍ତେ ସମସ୍ତ ଛୋଟବଡ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକୁ ପରାମର୍ଶ ଦେଇଛନ୍ତି। ବିଶେଷକରି ଚାହା ଦୋକାନ, ପାନ ଦୋକାନ, ସେଲୁନ୍, ଜଳଖିଆ ଦୋକାନ, ହୋଟେଲ୍, ମଲ୍, ଗ୍ରୋସରୀ ଦୋକାନ ଏବଂ ଗୋଦାମ ଗୁଡିକରେ ଅଧିକରୁ ଅଧିକ ବ୍ୟକ୍ତି ଏକତ୍ରିତ ନ ହେବା, ପରିଷ୍କାର ପରିଚ୍ଛନ୍ନ ରହିବା, ସ୍ୱଚ୍ଛତାକୁ ବଜାୟ ରଖିବା ନିମନ୍ତେ କହିଛନ୍ତି । ଏହି ପରିପ୍ରେକ୍ଷୀରେ ସହର ଭିତରେ ବିଭିନ୍ନ ସ୍ଥାନରେ ପଡି ରହୁଥିବା ଅଳିଆ ଆବର୍ଜନାକୁ ସଫା ସୁତୁରା ରଖିବା ନିମନ୍ତେ ବଣିକ ସଂଘ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉଦଳା ସହରାଞ୍ଚଳରେ ଶୁକ୍ରବାର ଏବଂ ମଙ୍ଗଳବାର ଦୁଇଟି ସାପ୍ତାହିକ ହାଟ, ଆରଏମସି ଡେଲି ମାର୍କେଟ ଏବଂ ମାଛ ମାର୍କେଟରେ ଜନଗହଳି ଲାଗି ରହୁଥିବା ନେଇ ତାହାକୁ କିପରି ସମାଧାନ କରାଯାଇ ପାରିବ ସେଥିନେଇ ବଣିକ ସଂଘ, ସ୍ଥାନୀୟ ଉପଖଣ୍ଡ ପ୍ରଶାସନ ଏବଂ ଆରଏମସି କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସଭାପତି ପରିଡା କହିଛନ୍ତି।

## ବଢ଼ି ଚାଲିଛି ବେଆଇନ ଇଟାଭାଟି


ପୋଡାଡିହାର ଏକ ଇଟାଭାଟିରେ ଇଟା ତିଆରି ହେଉଛି।

କପ୍ତିପଦା,୨୦।୩(ଡି.ଏନ.ଏ)– ମୟୂରଭଞ୍ଜ ଜିଲାର କପ୍ତିପଦା ତହସିଲ ଅଞ୍ଚଳରେ ବେଆଇନ ଭାବେ ଶହଶହ ଇଟାଭାଟି ଚାଲୁ ରହିଛି। ଏଗୁଡ଼ିକ ଉପରେ ପ୍ରଶାସନର ଅଙ୍କୁଶ ରହୁ ନାହିଁ । ଖରା ପ୍ରକୋପ ଦିନକୁ ଦିନ ବଢୁଥିବାବେଳେ ଇଟା ଭାଟି ନିଆଁ ଧାସ ଅଞ୍ଚଳକୁ ଉତ୍ତପ୍ତ କରୁଥିବାରୁ ଲୋକେ ଅତିଷ୍ଠ ହୋଇ ପଡୁଥିବା ପୋଡାଡ଼ିହା ଗ୍ରାମର କେତେକ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସରକାରୀ ନିୟମ ଓ କଟକଣାକୁ ଅଣଦେଖା କରି ଇଟାଭାଟି ମାଲିକମାନେ ମନଇଚ୍ଛା ଯେଉଁଠି ପାରୁଛନ୍ତି ସେଠାରେ ଭାଟି କରୁଛନ୍ତି। ଏପରିକି ଜନବସତି ଓ ସର୍ବସାଧାରଣ ସ୍ଥାନ ନିକଟରେ ମଧ କେତେକ ଭାଟି ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି। ବ୍ୟାପକ ଭାବେ ଇଟା ଦର ବୃଦ୍ଧି ପାଉଥିବା ବେଳେ ଇଟା ତିଆରି ପାଇଁ ନଈପଠା ଖୋଳାଯାଇ ବେଆଇନ ଭାବେ ବହୁ ପରିମାଣର ମାଟି ଓ ବାଲି ଚୋରା ଚାଲାଣ ହେଉଛି। ଫଳରେ ବର୍ଷା ଦିନେ ବିଶେଷ କରି ନଈବଢି ସମୟରେ ସ୍ଥାନୀୟ ଅଞ୍ଚଳର ଲୋକେ ବିପଦସଙ୍କୁଳ ଅବସ୍ଥାରେ କାଳାତିପାତ କରୁଛନ୍ତି । ଇଟାଭାଟି ମାଲିକମାନେ ଘରୋଇ ବ୍ୟବହାର ପାଇଁ ୧୦/୨୦ହଜାର ଇଟାର ରୟାଲଟି ତହସିଲରେ ପୈଠ କରି ବେପାର ଉଦ୍ଦେଶ୍ୟରେ ଲକ୍ଷଲକ୍ଷ ଇଟା ପୋଡ଼ି ମାଲେମାଲେ ହେଉଛନ୍ତି । ଏହି ଇଟାଭାଟି ଗୁଡିକ 'ଓଡିଶା ମାଇନର ମିନେରାଲ କନସେଶନ ରୁଲ'କୁ ଉଲ୍ଲଂଘନ କରିବା ସହ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ପରିବେଶ ମଞ୍ଜୁରୀ ମଧ ଆଣି ନ ଥିବା ଜଣାଯାଇଛି । ଫଳରେ ପରିବେଶ ଓ ଭୂପ୍ରକୃତି ନଷ୍ଟ ହେଉଥିବା କେତେକ ବରିଷ୍ଠ ନାଗରିକ ପ୍ରକାଶ କରିଛନ୍ତି। ଜନ ସାଧାରଣ ପ୍ରତିବାଦ କଲେ ଇଟାଭାଟି ମାଲିକଙ୍କ ରୋଷର ଶିକାର ହେବାକୁ ପଡୁଛି । ଜାମବଣୀ, ପୋଡାଡିହା, କୁଳିଅଳମ, ଶାଳବୁଆ, ମଝିଗଡିଆ, ଶରତ, କଳମଗଡିଆ, ପଦ୍ମପୋଖରୀ, ରାମଚନ୍ଦ୍ରପୁର ଓ ଲାବଣ୍ୟଦେଇପୁର ଅଞ୍ଚଳରେ ଶହଶହ ବେଆଇନ ଇଟାଭାଟି ଗଢିଉଠିଛି। ଏହିଇଟାଭାଟିଗୁଡିକରେ ଇଟା ପୋଡ଼ିବା ପାଇଁ କେତେକ ସ୍ଥାନରେ ଚୋରା କୋଇଲା ମଧ ରାତିରେ ବାହାର ଜିଲାରୁ ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏହା ବ୍ୟତୀତ ଆବଶ୍ୟକୀୟ କାଠ ବେଆଇନ ଭାବେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ କଟା ଯାଉଥିବା ଅଭିଯୋଗ ହେଉଛି। ତେଣୁ ରାଜସ୍ୱ ଓ ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ସମ୍ପର୍କରେ କପ୍ତିପଦା ତହସିଲଦାର ରାଧା ରଞ୍ଜନ ଦାସଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଦୃଷ୍ଟି ଦେବେ ବୋଲି କହିଛନ୍ତି। କପ୍ତିପଦା ରେଞ୍ଜର ମହେଶ୍ୱର ସିଂ କୁହନ୍ତି, ଯଦି ଜଙ୍ଗଲରୁ କାଠ କାଟି ବେଆଇନ ଭାବେ ଇଟା ଭାଟିରେ ବ୍ୟବହାର କରାଯାଉଛି ତେବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## କଂଗ୍ରେସ ଭାଇଙ୍କ ପରଲୋକ

ଠାକୁରମୁଣ୍ଡା,୨୦।୩(ଡି.ଏନ.ଏ)

ମୟୂରଭଞ୍ଜର ଭୂମିପୁତ୍ର ସେବକ କଂଗ୍ରେସ ଭାଇଙ୍କର ଶୁକ୍ରବାର ପରଲୋକ ଘଟିଛି। ଶ୍ୱାସ ରୋଗରେ ପୀଡ଼ିତ ହୋଇ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ମଧ୍ୟାହ୍ନ ୧୨.୩୦ ମିନିଟ ସମୟରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ଏହି ଖବର ପ୍ରସାରିତ ହେବା ପରେ ପାଞ୍ଚପୀଢ ଉପଖଣ୍ଡ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସ୍ୱର୍ଗତ କଂଗ୍ରେସ ଭାଇ ଛାତ୍ର ଜୀବନରେ ଆଚାର୍ଯ୍ୟ ବିନୋବା ଭାବେଙ୍କ ସହିତ ରହି କାର୍ଯ୍ୟ କରି ଆସୁଥିଲେ। ସେ ଭୂଦାନ ଆନ୍ଦୋଳନରେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନୀତ କରାଯାଇଛି। ସେ ବହୁ ଲେଖା ଏବଂ କବିତା ଲେଖି ଯାଇଛନ୍ତି। କରଞ୍ଜିଆ ନିକଟ କୁରୁଲିଆଠାରେ ଏକ ଅନାଥ ଆଶ୍ରମ କରି ଅନାଥ, ଅସହାୟ ପିଲାମାନଙ୍କୁ ଶିକ୍ଷାଦାନ କରାଉଥିଲେ। ମରଶରୀର କରଞ୍ଜିଆଠାରେ ପହଞ୍ଚିବା ପରେ ସ୍ଥାନୀୟ ଉପ ଜିଲାପାଳଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀ,ବୁଦ୍ଧିଜୀବୀ, ସାଧାରଣ ଲୋକ ତାଙ୍କର ଶେଷ ଦର୍ଶନ କରିଥିଲେ। ଜନ୍ମସ୍ଥାନ ରରୁଆଁ ବ୍ଲକ ସିରାକୁଲ ଗ୍ରାମରେ ଆସନ୍ତାକାଲି ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ଜଣାପଡ଼ିଛି।


କଂଗ୍ରେସ ଭାଇ।

## ନବନିର୍ବାଚିତ ରାଜ୍ୟ ସଭା ସଦସ୍ୟାଙ୍କୁ ସମ୍ବର୍ଦ୍ଧନା

ବିଶୋଇ,୨୦।୩(ଡ଼ି.ଏନ୍.ଏ.)

ବିଶୋଇ ବ୍ଲକ ବିଜେଡି ପକ୍ଷରୁ ନବ ନିର୍ବାଚିତ ରାଜ୍ୟସଭା ସଦସ୍ୟା ମମତା ମହାନ୍ତଙ୍କୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏନେଇ ବିଶୋଇ ଡାକବଙ୍ଗଳାଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକ ବିଜେଡି ସଭାପତି ଫାଗୁରାମ ମାର୍ଣ୍ଡି, କୃଷି ଶିଳ୍ପ ନିଗମ ଅଧକ୍ଷ ଦେବାଶିଷ ମହାନ୍ତି, ରାଜ୍ୟ ଯୁବ ବିଜେଡି ଉପସଭାପତି କ୍ଷୀରଦ କୁମାର ନନ୍ଦ, ବିଶୋଇ ବ୍ଲକ ଅଧକ୍ଷା ତୁଳସୀ ଶିକ୍ରି ହାଁସଦା,ଉତ୍କଳ ରଞ୍ଜନ ମାହାନ୍ତି, ଅନୁରଧ ଗିରି, ଅଶୋକ ମହାପାତ୍ର, ନିଧିଆ ମୁର୍ମୁ, ସୁବାଷ ଗିରି, ବିଶୋଇ ସରପଞ୍ଚଙ୍କ ପ୍ରତିନିଧି ହରିମୋହନ ନାଏକ, ବିରଞ୍ଚି ନାରାୟଣ ନନ୍ଦ, ଗିରିଶ ପାଣିଗ୍ରାହୀଙ୍କ ସମେତ ବିଜେଡିର ବହୁ କର୍ମୀ ଉପସ୍ଥିତ ରହି ରାଜ୍ୟସଭା ସଦସ୍ୟା ମହାନ୍ତଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହିତ ଆଗାମୀ ଦିନରେ ଜିଲାର ଶିକ୍ଷା,ସ୍ୱାସ୍ଥ୍ୟ ଓ ରେଳ ବିଭାଗରେ ଉନ୍ନତି ପାଇଁ ରାଜ୍ୟସଭା ସଦସ୍ୟାଙ୍କ ନିକଟରେ ଦାବି କରିଥିଲେ। ଏହାପରେ ରାଜ୍ୟସଭା ସଦସ୍ୟାଙ୍କ ନେତୃତ୍ୱରେ କରୋନା ସଚେତନତା ନିମନ୍ତେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା।


ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ଗୋଚର ଜମିରେ ଆବାସ ଗୃହ

ବେତନଟୀ,୨୦।୩(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ହିତାଧିକାରୀମାନେ ନିଜର ଜମି ଥାଇ ଗୋଚର ଜମିରେ ପକ୍କାଘର ନିର୍ମାଣ କରୁଥିବା ଅଭିଯୋଗ ହେଉଛି। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀମାନେ ଜାଣି ଶୁଣି ସମସ୍ତ ନିୟମକୁ ଉଲ୍ଲଂଘନ କରି ଗୋଚର ଜମିରେ ନିର୍ମିତ ଆବାସ ଯୋଜନାର ବିଲ୍ ପ୍ରଦାନ କରୁଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଏଭଳି ଘଟଣା ବେତନଟୀ ବ୍ଲକ ଅଧୀନ ନହଣ୍ଡାଶୋଳ ପଞ୍ଚାୟତର ଧନପୁର ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମର ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୋଚର ଜମିରେ ଘର ନିର୍ମାଣ କରି ୩ କିସ୍ତିରେ ବିଲ୍ ଉଠାଇ ନେଇଛନ୍ତି। ଗ୍ରାମବାସୀ ଘର ଆରମ୍ଭ କରିବା ପୂର୍ବରୁ ଓ ପରେ ବାରମ୍ୱାର ଏହି ପଞ୍ଚାୟତ ଓ ବ୍ଲକର ପ୍ରଶାସନିକ ଅଧିକାରୀମାନଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ଅଧିକାରୀମାନେ କର୍ଣ୍ଣପାତ କରି ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଧନପୁର ଗ୍ରାମର ଦିଲ୍ଲୀପ କୁମାର ମହାନ୍ତ,ତପନ କୁମାର ମହାନ୍ତ, ପ୍ରଦୀପ ମହାନ୍ତ, ସରୋଜ କୁମାର ମହାନ୍ତ, ନିର୍ମଳ କୁମାର ମହାନ୍ତ, ଲବଙ୍ଗଲତା ମହାନ୍ତ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଗୋଚର ଜମିରେ ଘର ନିର୍ମାଣକୁ ବିରୋଧ କରି ୨୦୧୯ ଡିସେମ୍ବର ୨୧ରେ ନହଣ୍ଡାଶୋଳ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବେତନଟୀ ବିଡ଼ିଓ ସ୍ମୃତି ରଞ୍ଜନ ମଲ୍ଲିକ, ବେତନଟୀ ତହସିଲଦାର ଅନିଷା ଦାସଙ୍କୁ ଲିଖିତ ଅଭିଯୋଗ କରିବା ପରେ ମଧ ଗୃହ ନିର୍ମାଣ ଚାଲୁ ରହିଥିଲା। ପୁନର୍ବାର ଗ୍ରାମବାସୀ ବେତନଟୀ ତହସିଲଦାରଙ୍କୁ ଭେଟିବା ପରେ ଗତ ୧୩ ତାରିଖରେ ତହସିଲଦାର ଚିଠି ନମ୍ବର ୧୩୦୫ ଯୋଗେ ଗୋଚର ଜମିରେ ଆବାସ ଯୋଜନାରେ ଘର ନିର୍ମାଣ ହେଉଥିବା ବିଷୟ ସୂଚାଇଥିଲେ ମଧ ନିର୍ମାଣ କାମ ବନ୍ଦ ହୋଇ ନ ଥିଲା। ଏ ସମ୍ପର୍କରେ ବେତନଟୀ ବିଡ଼ିଓ ସ୍ମୃତି ରଞ୍ଜନ ମଲ୍ଲିକଙ୍କୁ ପଚାରିବାରୁ କରୋନା ସଚେତନତା କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଚିଠି ପଢ଼ିବା ପାଇଁ ସମୟ ନାହିଁ। ଜାଗାର ମାଲିକ, ତହସିଲଦାର ଓ ଆରଆଇ ଏଥିପାଇଁ ଦାୟୀ ରହିବେ ବୋଲି କହିଛନ୍ତି। ବେତନଟୀ ଆରଆଇ ରତନ ହେମ୍ବ୍ରମଙ୍କୁ ପଚାରିବାରୁ ଆବାସ ଯୋଜନା ଘର ନିର୍ମାଣରେ ଆମର ଭୂମିକା ରହୁ ନାହିଁ। ଅଭିଯୋଗ ପରେ ତଦନ୍ତରେ ଯାଇ ଗୋଚର ଜମି ବୋଲି ଚିହ୍ନଟ କରିଥିବା ସେ କହିଛନ୍ତି। ସେହିପରି ତହସିଲଦାର ଅନିଷା ଦାସଙ୍କୁ ପଚାରିବାରୁ ଗୋଚର ଜମିରେ ଘର ନିର୍ମାଣ ହେଉଥିବା ବିଡ଼ିଓଙ୍କୁ ଅବଗତ କରାଯାଇଛି। ବିଡ଼ିଓ ତଦନ୍ତ ରିପୋର୍ଟ ଦେବା ପରେ ହିତାଧିକାରୀଙ୍କ ନିଜର ଜମି ଥିଲେ ଜବରଦଖଲ ସ୍ଥାନ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।


ଗୋଚର ଜମିରେ ନିର୍ମାଣ ଚାଲିଥିବା ପକ୍କା ଗୃହ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ

ଢେଙ୍କିକୋଟ, ୨୦।୩(ଡି.ଏନ୍.ଏ.)- କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପଇଦାପାଟଣା ପଞ୍ଚାୟତ ନୁସୁରିପଶି ଗ୍ରାମର ରଜନୀ ମୁଣ୍ଡା(୧୯) ନାମ୍ନୀ ଜଣେ ଗର୍ଭବତୀ ମହିଳାଙ୍କୁ ବିଷଧର ସାପ କାମୁଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ୬ ମାସ ତଳେ ସେ ବିବାହ କରିଥିଲେ। ଗୁରୁବାର ବିଳମ୍ବିତ ରାତିରେ ଶୋଇ ସେ ବାହାରକୁ ବାହାରିଥିବା ବେଳେ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସେ ଚିତ୍କାର କରିବାରୁ ପରିବାର ଲୋକେ ଆସି ସାପକୁ ଦେଖି ତାଙ୍କୁ ତୁରନ୍ତ ଘଟଗାଁ ଡାକ୍ତରଖାନା ନେଇଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ଘଟଗାଁ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ନିଲମ୍ବନ ଆଦେଶ ପ୍ରତ୍ୟାହୃତ

ଚମ୍ପୁଆ,୨୦।୩(ଡି.ଏନ.ଏ.)- କେନ୍ଦଝର ଜିଲା ଚମ୍ପୁଆରେ ଅତିରିକ୍ତ ସରକାରୀ ଓକିଲ ଭାବେ କାର୍ଯ୍ୟ କରୁଥିବା ତୁଳସୀଦାସ ମହାନ୍ତଙ୍କୁ ତା୧୭।୧୦।୨୦୧୯ରିଖରେ ନିଲମ୍ବନ କରାଯାଇଥିଲା। ତାଙ୍କ ବିରୋଧରେ ଆସିଥିବା କେତେକ ଅଭିଯୋଗକୁ ଭିତିକରି ରାଜ୍ୟ ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟ ନର୍ଦ୍ଦେଶ କ୍ରମେ ତାଙ୍କୁ ଦାୟିତ୍ୱରୁ ହଟାଇ ଅତିରିକ୍ତ ଭାବେ କ୍ଷୀରୋଦ କୁମାର ନାଏକଙ୍କୁ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅଭିଯୋଗ ଯାଞ୍ଚ କରାଯାଇ ଶୁକ୍ରବାର ତାଙ୍କ ଉପରୁ ନିଲମ୍ବନ ଆଦେଶ ଉଠାଇ ନିଆଯିବାରୁ ସେ ସବ୍‌ଜଜ୍ କୋର୍ଟରେ ପୁଣି ଅତିରିକ୍ତ ପି.ପି. ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି।

### ପାଣିପଞ୍ଚାୟତ ନିର୍ବାଚନ

ବଉଳା, ୨୦। ୩ (ଡି.ଏନ.ଏ.)- କେନ୍ଦୁଝର ଜିଲା ବିଦ୍ୟାଧରପୁର ଜଳସମ୍ପଦ ଉପଖଣ୍ଡ କାର୍ଯ୍ୟାଳୟରେ ୪୨ ନଂ. ମା' ତାରିଣୀ ପାଣିପଞ୍ଚାୟତ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ସୁଦର୍ଶନ ମଣ୍ଡଳ, ସମ୍ପାଦକ ଭାବେ ପ୍ରିୟବ୍ରତ ବେହେରା, କୋଷାଧ୍ୟକ୍ଷ ଭାବେ ପ୍ରଦୀପ ସାମଲ ନିର୍ବାଚିତ ହୋଇଛନ୍ତି। ଉମାକାନ୍ତ ସ୍ୱାଇଁ, ନରହରି ବଳ, ନୀଳକଣ୍ଠ ସାମଲ, ନାରଣ ସ୍ୱାଇଁ, ନରହରି ନାୟକ, ଚକ୍ରଧର ମହାନ୍ତି, ରଙ୍ଗାଧର ପଣ୍ଡା, ମାଳତୀ ସାହୁ, ଖଗେଶ୍ୱର ବେହେରା, କୈଳାସ ଚନ୍ଦ୍ର ବେହେରା ଓ ଭାସ୍କର ଗିରି ପ୍ରମୁଖ ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ।

### ପୋଲିସ ପ୍ରଶାସନ ବନ୍ଦ କଲା ସାପ୍ତାହିକ ହାଟ

କେନ୍ଦୁଝର,୨୦।୩ (ସ୍ୱ.ପ୍ର.)- ମହାମାରୀ କରୋନା କଟକଣା ପରିପ୍ରେକ୍ଷୀରେ ପୋଲିସ ପ୍ରଶାସନ ଚଡ଼ାଉ କରି ଶୁକ୍ରବାର ହରିଚନ୍ଦନପୁର ସାପ୍ତାହିକ ହାଟର ବିଭିନ୍ନ ଦୋକାନ ବଜାରକୁ ବନ୍ଦ କରିଛି। ଜନସାଧାରଣଙ୍କ ଅଭିଯୋଗ ପରେ ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଗତ ୧୮ ତାରିଖରେ ହରିଚନ୍ଦନପୁର ଠାରେ ହେବାକୁ ଥିବା ଦୋଳ ଯାତ୍ରାକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ତେବେ ସାପ୍ତାହିକ ହାଟକୁ ବନ୍ଦ କରାଯାଇ ନ ଥିବାରୁ ଶୁକ୍ରବାର ଏହା ବସିଥିବା କୁହାଯାଉଛି।

### ହାଟ ବଜାର ଖାଁ ଖାଁ

ଘସିପୁରା,୨୦।୩(ଡି.ଏନ.ଏ.)- କରୋନା ଭାଇରସ୍ ସଂକ୍ରମଣ ରୋକିବା ଲାଗି ସତର୍କତାଜନିତ ପଦକ୍ଷେପ ନିଆଯିବା ପରେ ପ୍ରତ୍ୟହ ବଜାରଘାଟ ଖାଁ ଖାଁ ଲାଗୁଛି। ଆନନ୍ଦପୁର ଉପଖଣ୍ଡର ଅନେକ ପ୍ରମୁଖ ହାଟକୁ ସତର୍କତା ଦୃଷ୍ଟିରୁ ବନ୍ଦ ରଖାଯାଇଛି। ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ସୁଆଁପଦା ହାଟ ମଧ୍ୟ ବନ୍ଦ ରହିଛି। ଘସିପୁରା ବସଷ୍ଟାଣ୍ଡ ବଜାରରେ ଅନୁରୂପ ମାନ୍ଦାବସ୍ଥା ଦେଖିବାକୁ ମିଳିଛି। କାଁ ଭାଁ କେଉଁଠି ଅଳ୍ପକିଛି ପନିପରିବା ଭଳି ଛୋଟ ଦୋକାନ ଖୋଲା ରହିଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଲୋକେ ବାଧ ହୋଇ ଏବେ ବଜାରକୁ ଆସୁଥିବା ଗ୍ରାହକ ପ୍ରକାଶ ଚକ୍ର କହିଛନ୍ତି। ତେବେ ଏ ଅଞ୍ଚଳରେ ଆଗକୁ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ପରିଲକ୍ଷିତ ହୋଇପାରେ ବୋଲି ଅନେକେ ଆଶଙ୍କା ପ୍ରକାଶ କରିଛନ୍ତି।

# ଘଟଗାଁ ତାରିଣୀ ମନ୍ଦିରରେ ଭକ୍ତଙ୍କୁ ଦର୍ଶନ ମନା

- ଭୋଗଦୋକାନ, ପ୍ରସାଦାଳୟ ବନ୍ଦ
- ଖାଁ ଖାଁ ଲାଗୁଛି ପୀଠ
- ସରକାରଙ୍କ ପଦକ୍ଷେପକୁ ସ୍ୱାଗତ

ଘଟଗାଁ, ୨୦।୩(ଡି.ଏନ୍.ଏ.)



ଘଟଗାଁ ତାରିଣୀ ମନ୍ଦିର ସମ୍ମୁଖ ଭାଗ ଜନଶୂନ୍ୟ।

କେନ୍ଦୁଝର ଜିଲାର ପ୍ରସିଦ୍ଧ ମା' ତାରିଣୀଙ୍କ ପୀଠରେ ଭକ୍ତଙ୍କ ଦର୍ଶନ ଉପରେ କଟକଣା ଲାଗୁ କରାଯାଇଛି। କରୋନା ଭାଇରସ ସଂକ୍ରମଣରୁ ରକ୍ଷା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ତରଫରୁ ଜିଲାର ସମସ୍ତ ମଠ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ସାଧାରଣ ଭକ୍ତଙ୍କୁ ଆଜିଠାରୁ ବାରଣ କରାଯାଇଛି। ତଦନୁଯାୟୀ ମା' ତାରିଣୀଙ୍କ ମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିବାରୁ ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁ ଭକ୍ତ ଗେଟ୍ ସମ୍ମୁଖରୁ ମା'ଙ୍କୁ ପ୍ରଣାମ ଜଣାଇ ଫେରିଛନ୍ତି। ଭୋଗ ଦୋକାନ ଓ ପ୍ରସାଦଳୟ ବନ୍ଦ ରହିଛି। ପୀଠ ପରିସର ଏଥିଲାଗି ଖାଁଖାଁ ଲାଗୁଛି।

ପ୍ରଶାସନ ତରଫରୁ ଜାରି ନିର୍ଦ୍ଦେଶାନାମା ତାରିଣୀ ମନ୍ଦିର ପ୍ରଶାସନ ତରଫରୁ କିଭଳି ପାଳନ କରାଯାଇଛି ତାହା ତଦାରଖ ସକାଶେ କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କ, ସହକାରୀ କଲେକ୍ଟର ସୁବୋଧକାନ୍ତ ଦାସ ଅଚାନକ ମଧ୍ୟାହ୍ନ ବେଳେ ଘଟଗାରେ ପହଞ୍ଚିଥିଲେ। ସେମାନେ ମନ୍ଦିର ମୁଖଶାଳା ଗେଟ୍ ଓ ପ୍ରସ୍ଥାନ ଦ୍ୱାର ବନ୍ଦ ଅଛିକି ନାହିଁ ତାହା ଦେଖିଥିଲେ। ଏହାକୁ କଡ଼ାକଡ଼ି କରିବା ସହ ପୀଠ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସେମାନେ ଗୁରୁତ୍ୱାରୋପ କରିଥିଲେ।

ବିଶ୍ୱବ୍ୟାପୀ ଆତଙ୍କ ଖେଳାଇଥିବା କରୋନା ଭାଇରସର ମୁକାବିଲା ଲାଗି ସରକାର ଯେଉଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି, ତାହାକୁ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁଗଣ ସ୍ୱାଗତ କରିଛନ୍ତି। ଭକ୍ତଙ୍କ ଦର୍ଶନ ବାରଣ କରାଯାଇଥିଲେ ମଧ ମା' ତାରିଣୀଙ୍କ ମନ୍ଦିରରେ ପାରମ୍ପରିକ ଦୈନନ୍ଦିନ ପୂଜାନୀତି ଯେପରି ଚାଲେ ତାହା ସୂଚାରୁରୂପେ କରାଯାଇଥିଲା। ବରିଷ୍ଠ ପୂଜକ ଶ୍ୟାମସୁନ୍ଦର ଦେହୁରୀ, ରମେଶ ଚନ୍ଦ୍ର ଦେହୁରୀ ସକାଳ ମାର୍ଜନା, ଷୋଡ଼ଶ ଉପଚାର, ବଡ଼ସିଂହାର ପୂଜା କରିଥିଲେ। ସକାଳ ଆଳତି ପରେ ପୂର୍ବାହ୍ନ ୧୦ଟା ବେଳେ ମାଙ୍କ ଶଙ୍ଖୁଡ଼ି ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ଚକୁଳି ଭୋଗ ଓ ରାତି ସାଢେ ୭ଟାରେ ଆଳତି କରାଯାଇଥିଲା। ମନ୍ଦିର ଭିତରକୁ କେବଳ ପୂଜକ ତଥା ସେବାୟତମାନଙ୍କୁ ଯିବାକୁ ଅନୁମତି ଦିଆଯାଇଥିଲା। ଏଭଳି ସ୍ଥିତି ଦେଖି କେହି କେହି ଏହାକୁ ପୂର୍ବରୁ ଏଭଳି ପରିସ୍ଥିତି କେବେ ଦେଖି ନ ଥିବା କହିଛନ୍ତି।

କେବଳ ମନ୍ଦିର ପରିସର ନୁହେଁ, ସମସ୍ତ ଘଟଗାଁର ସମସ୍ତ ଦୋକାନ ବଜାର ବନ୍ଦ ହୋଇଯାଇଛି। ଭକ୍ତଙ୍କ ସମାଗମ ନ ଥିବାରୁ ସେମାନଙ୍କ ବ୍ୟବସାୟ ଠପ୍ ହୋଇଯାଇଛି। ଘଟଗାଁ ସ୍ଥିତ ହୋଟେଲ ଶିଳ୍ପ ମଧ ପ୍ରଭାବିତ ହୋଇଛି।

# ଘରୋଇ କଳହ ବେଳେ ମାରପିଟ୍‌ରୁ ହତ୍ୟାକାଣ୍ଡ

**ବ୍ୟାଟ୍ ମାଡ଼ରେ ଜୀବନ ଗଲା**

ଯୋଡ଼ା, ୨୦।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ସିଲିଯୋଡା ବେଲ ହଟିଂଠାରେ ଗୁରୁବାର ରାତିରେ ଘରୋଇ କଳହ ଓ ମାରପିଟ୍‌କୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ଖବର ପାଇ ପୋଲିସ ଶୁକ୍ରବାର ଗାଁରେ ପହଞ୍ଚି ଦୟାଲ ମୁଣ୍ଡା(୪୦)ଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇ ତଦନ୍ତ କରୁଛି। ବଡବିଲ ଏସଡିପିଓ ସତ୍ୟ ବିକାଶ ଭୂୟାଁ ଓ ବାମେବାରୀ ଥାନା ଓଆଇସି ଅମିତାଭ ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ଥାନାରେ ଏକ ହତ୍ୟା ମାମଲା(ନଂ ୪୦/୨୦୨୦)ରୁଜୁ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଦୟାଲ ପାଟିତୁଣ୍ଡ କରି ତାଙ୍କ ସ୍ତ୍ରୀଙ୍କୁ ପ୍ରବଳ ମାଡ଼ ମାରିଥିଲେ। ସେତେବେଳେ ଘରେ ଥିବା ଏକ କ୍ରିକେଟ ବ୍ୟାଟ୍ ଆଣି ଦୟାଲଙ୍କ ମୁଣ୍ଡକୁ ପିଟି ଦିଆଯିବାରୁ ରକ୍ତସ୍ରାବ ଘଟି ତାଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି କ୍ରିକେଟ ବ୍ୟାଟ୍ ଜବତ କରିବା ସହ ଅଭିଯୁକ୍ତ ଜଣେ ମହିଳାଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା କହିଛି।

# ଛଟେଇ ଠିକା କର୍ମଚାରୀଙ୍କ ଆନ୍ଦୋଳନ ୩୧ ପର୍ଯ୍ୟନ୍ତ ସ୍ଥଗିତ

କେନ୍ଦୁଝର, ୨୦।୩(ଡି.ଏନ୍.ଏ.)

କରୋନା ମୁକାବିଲା ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଠିକାରେ କାର୍ଯ୍ୟ କରୁଥିବା ୨୧ଜଣ ଆଟେଣ୍ଡାଣ୍ଟ ଓ ସୁଇପର ଚଳାଇଥିବା ଆନ୍ଦୋଳନକୁ ଆଗାମୀ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଏ ନେଇ ସେମାନେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହି ଛଟେଇ କର୍ମଚାରୀ କହିଛନ୍ତି ଯେ, ୨୦୦୭ରୁ ରୋଗୀ କଲ୍ୟାଣ ସମିତି ଅଧୀନରେ ସେମାନେ କାର୍ଯ୍ୟ କରି ଆସୁଥିଲେ। ୨୦୧୯ ଜୁଲାଇ ୧ ତାରିଖରେ ସେମାନଙ୍କୁ ଛଟେଇ କରାଯାଇଥିଲା। ଏସମ୍ପର୍କରେ ଜିଲା ପ୍ରଶାସନ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇ ନିରାଶ ହେବାରୁ ଗତ ଜାନୁୟାରୀ ୧ ତାରିଖଠାରୁ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସି ଆସୁଥିଲେ।

# ଧାର୍ମିକ ଅନୁଷ୍ଠାନର ସହଯୋଗ ଲୋଡ଼ିଲା ପ୍ରଶାସନ



ଯୋଡ଼ାରେ କରୋନା ସଚେତନତା ବୈଠକରେ ଧର୍ମାନୁଷ୍ଠାନର କର୍ମକର୍ତ୍ତା ଓ ଅଧିକାରୀ।

ଯୋଡ଼ା, ୨୦।୩(ଡି.ଏନ.ଏ.)

କେନ୍ଦୁଝର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସହରର ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ କରୋନା ପ୍ରତିରୋଧ ପାଇଁ ଆଲୋଚନା କରାଯାଇଛି। ଯୋଡା ପୌରପାଳିକା କାର୍ଯ୍ୟାଳୟର ଠାରେ ଶୁକ୍ରବାର ଏ ନେଇ ଏକ ସଚେତନତା ବୈଠକ ବସିଥିଲା। ଯୋଡା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀ କହିଥିଲେ, ସହରରେ ଥିବା ବିଭିନ୍ନ ମନ୍ଦିର , ମସଜିଦ୍, ଚର୍ଚ୍ଚ ଓ ଗୁରୁଦ୍ୱାର ମାନଙ୍କରେ ଭକ୍ତଙ୍କ ଭିଡ ଜମୁଥିବାରୁ ଏ ନେଇ ସତର୍କତା ଅବଲମ୍ବନ କରିବା ଜରୁରୀ। ଧର୍ମପୀଠକୁ ଆସି ପୂଜା କରୁଥିବା ବ୍ୟକ୍ତିବିଶେଷ ଏବଂ ପରିଚାଳନା କମିଟିର ସଦସ୍ୟଙ୍କୁ ଏଦିଗରେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ଧାର୍ମିକ ଅନୁଷ୍ଠାନଗୁଡିକରେ କୌଣସି ପ୍ରକାର ଜନଗହଳି ଯେଭଳି ନ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଯୋଡା କୁନ୍ଦୁରୁନାଲା ଚର୍ଚ୍ଚର ପାଦ୍ରୀ , ମୁସଲିମ୍ ମାର୍କେଟ ମସଜିଦ୍‌ର ମୌଲବୀ, ଲକ୍ଷ୍ମୀ ମନ୍ଦିର, ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର ସମେତ ଅନ୍ୟ ମନ୍ଦିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶ୍ରଦ୍ଧାଳୁଙ୍କୁ ଧର୍ମାନୁଷ୍ଠାନ ମନା

ଆନନ୍ଦପୁର, ୨୦।୩(ସ୍ୱ.ପ୍ର.)

କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡରେ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ପ୍ରଶାସନ ପକ୍ଷରୁ ଜନସାଧାରଣ ସତର୍କ ରହିବା ଲାଗି ସଚେତନ କରାଯାଉଛି। ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ଆନନ୍ଦପୁର ଉପଜିଲାପାଳ ବୀନ୍ଦ୍ର କୁମାର ସାହୁ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ଅଧିକାରୀଙ୍କୁ ନେଇ ଜରୁରୀ ବୈଠକ କରିଥିଲେ। ବିଭିନ୍ନ ଧର୍ମାନୁଷ୍ଠାନକୁ ସାଧାରଣ ଲୋକ ତଥା ଶ୍ରଦ୍ଧାଳୁଙ୍କ ଆତଯାତକୁ ନିଷେଧ କରିବା ନେଇ ଆଲୋଚନା ହୋଇଥିଲା। ଧର୍ମାନୁଷ୍ଠାନରେ ପୂଜାକାର୍ଯ୍ୟ ଯଥାରୀତି ଚାଲିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହି ନିଷେଧାଦେଶ ବଳବତ୍ତର ରହିବ। କରୋନାର ଭୟାବହତାକୁ ଦୃଷ୍ଟି ରଖି ଜନଗହଳି ସ୍ଥାନ ପାଇଁ ଏଭଳି ପଦକ୍ଷେପ ନିଆଯାଉଥିବା ଉପଜିଲାପାଳ ସାହୁ ସୂଚନା ଦେଇଛନ୍ତି।

# ଗଛପଡ଼ି ଘରଭାଙ୍ଗିଲା, କୁଆପଥର ଉଜାଡ଼ିଲା ଫସଲ

ଚମ୍ପୁଆ, ୨୦।୩(ଡି.ଏନ.ଏ.)



କୁଆପଥର ମାଡ଼ରେ ନଷ୍ଟହୋଇଥିବା ଫସଲ।

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକର ପଡୁଆ ଓ ଭଣ୍ଡା ଅଞ୍ଚଳରେ ଗତ ୧୯ ତାରିଖ ସନ୍ଧ୍ୟାରେ କାଳବୈଶାଖୀ ଝଡ଼ ବର୍ଷା ହେବାବେଳେ ପ୍ରବଳ କୁଆପଥର ପଡ଼ିଥିଲା। ଏଥିରେ ବ୍ୟାପକ ପନିପରିବା ଫସଲ ନଷ୍ଟ ହୋଇଛି। ବିଶେଷ କରି ଶୋଲା,କୋବି ଆଦି ପରିବାଜାତୀୟ ଫସଲ ସହିତ ମକାଚାଷ ଅଧିକ ପ୍ରଭାବିତ ହୋଇଥିବା ଚାଷୀମାନେ କହିଛନ୍ତି। ସେହିପରି ଜୋରରେ ପବନ ବହିବାରୁ କେତେକ ସ୍ଥାନରେ ଗଛ ଭାଙ୍ଗିପଡିଛି। ଘର ଉପରେ ଗଛ ଭାଙ୍ଗିପଡ଼ିବାରୁ ବାଲିପଶି ଗ୍ରାମର ଯଦୁମଣି ମହାନ୍ତ(୬୨) ଗୁରୁତର ଆହତ ହୋଇଛନ୍ତି। ସେହିପରି ଭଣ୍ଡା ଅଞ୍ଚଳ କନ୍ଦରନାଳୀର ଜଗନ୍ନାଥ ମହାରଣାଙ୍କ ଘର ଉପରେ ଏକ ଗଛ ପଡିଯିବାରୁ ତାହା ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଜଗନ୍ନାଥଙ୍କ ବିପନ୍ନ ପରିବାର ଏବେ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ଗୁରୁବାର ସନ୍ଧ୍ୟାରେ ହଠାତ୍ ଘୂର୍ଣ୍ଣିଝଡ଼ ଆରମ୍ଭ ହୋଇ ଜୋରରେ ପବନ ବହିଥିଲା। ପରେ ବର୍ଷା ସାଙ୍ଗକୁ କୁଆପଥର ପଡିଥିଲା। କିଛି ସମୟ ମଧରେ ଏହି କାଳବୈଶାଖୀ ଖଣ୍ଡପ୍ରଳୟ ସୃଷ୍ଟି କରିଥିଲା।

# ‘ଉପାସନା ପୀଠରେ ସାମାଜିକ ଦୂରତା ବଜାୟ ରଖ’

ଚମ୍ପୁଆ, ୨୦।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟ ସ୍ଥାନୀୟ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଡାକି ଏକ ବୈଠକ ରେ କରୋନା ଭାଇରସ୍‌ର ମୁକାବିଲା ଲାଗି ଉପାସନା ପୀଠରେ ସାମାଜିକ ଦୂରତା ବଜାୟ ରଖିବା ଲାଗି ସହଯୋଗ ଲୋଡିଛନ୍ତି। ବୈଠକରେ ତହସିଲଦାର ଆଲୋକ କୁମାର ପଟେଲ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାଏକଙ୍କ ସମେତ ବିଭିନ୍ନ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ରାଜ୍ୟ ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶାବଳୀ ତଥା ମାର୍ଗଦର୍ଶିକା ସମ୍ପର୍କରେ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଅବଗତ କରାଯାଇ ଏହାକୁ ଅନୁପାଳନ କରିବାକୁ କୁହାଯାଇଥିଲା। ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଓ ଅନ୍ୟାନ୍ୟ ଧାର୍ମିକସ୍ଥଳରେ ସାମାଜିକ ଦୂରତା ବଜାୟ ରଖିବା ଲାଗି ଜନସମାଗମକୁ ବାରଣ କରାଯାଉଥିବା ଦର୍ଶାଯାଇଥିଲା। ଯଦି ଧାର୍ମିକ ଅନୁଷ୍ଠାନକୁକେହି ଆସନ୍ତି, ଭିତରକୁ ୫ ଜଣରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ନ ଛାଡ଼ିବା, ଧାଡ଼ିରେ ୧ ମିଟରରୁ ଉର୍ଦ୍ଧ୍ୱ ଦୂରତାରେ ଛିଡ଼ା ହେବା, ମୁହଁରେ ମାସ୍କ ପିନ୍ଧିବା, ପ୍ରବେଶ ଦ୍ୱାରରେ ସାବୁନ/ସାନିଟାଇଜର୍‌ରେ ଭଲ ଭାବେ ହାତ ଓ ପାଦ ଧୋଇବା, ଜ୍ୱର, କାଶ, ଥଣ୍ଡାରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପରିସରକୁ ପ୍ରବେଶ ପାଇଁ ଅନୁମତି ନ ଦେବା ଲାଗି କୁହାଯାଇଥିଲା।

# ଘୂର୍ଣ୍ଣିଝଡ଼ରେ ୪ରୁ ଅଧିକ ଘର କ୍ଷତିଗ୍ରସ୍ତ

ତେଲକୋଇ,୨୦।୩(ଡି.ଏନ.ଏ.)



ଘୂର୍ଣ୍ଣିଝଡରେ ଭାଙ୍ଗିଥିବା ଘର।

କେନ୍ଦୁଝର ଜିଲା ତେଲକୋଇ ବ୍ଲକରେ ଗୁରୁବାର ଅପରାହ୍ନରେ ଘୂର୍ଣ୍ଣିଝଡ ସାଙ୍ଗକୁ ବର୍ଷା ହୋଇଥିଲା। ଏଥିରେ ଜଗମୋହନପୁର ପଞ୍ଚାୟତ ଅଙ୍ଗଦ ସରୁଆଳି ଗ୍ରାମର ୪ଟିରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ଗ୍ରାମର ଗୁରୁ ପାତ୍ରଙ୍କ ଘରର ଛପର ଉଡିଯିବାରୁ କାନ୍ଥ ଭୁଶୁଡି ପଡିଥିବା ସ୍ଥାନୀୟ ବିଡିଓଙ୍କ ଠାରେ ଅଭିଯୋଗ ହୋଇଛି। ସେହିପରି ଅଇଁଠୁ ପାତ୍ର, ଲୋକନାଥ ପାତ୍ର, କୈଳାସ ପାତ୍ରଙ୍କର ଘର କ୍ଷତିଗ୍ରସ୍ତ ହୋଇଛି। ଏ ସମ୍ବନ୍ଧ ରେ ସ୍ଥାନୀୟ ବିଡିଓ ଦିଲ୍ଲିପ କୁମାର ବାଡାଙ୍କୁ ପଚାରିବାରୁ ଘଟଣାର ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଉଡ଼ିଗଲା ୨୦ରୁ ଉର୍ଦ୍ଧ୍ୱ ଚାଳଛପର

ବଉଳା, ୨୦। ୩ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଧୀନ କେ.ବାଲିପାଳ ପଞ୍ଚାୟତର ତଅଁଳ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ୩୨ରୁ ଉର୍ଦ୍ଧ୍ୱ ପରିବାରର ଲୋକଙ୍କ ଘରର ଚାଳ ଛପର ଉଡି ଯାଇଛି। ଗାଁର ବହୁ ଲୋକଙ୍କର କଦଳୀଗଛ, ଅମୃତଭଣ୍ଡା, ସଜନା ଆଦି ବିଭିନ୍ନ ଗଛ ଓ ଏହାର ଡାଳ ଭାଙ୍ଗିପଡିଛି। ସନ୍ଧ୍ୟା ସମୟରେ ହଠାତ୍ ପ୍ରବଳ ବେଗରେ ଘୂର୍ଣ୍ଣିଝଡ଼ ହେବାରୁ ଲୋକେ ଭୟଭୀତ ହୋଇପଡିଥିଲେ। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଓ ପଲିଥିନ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଖଣି ଅଞ୍ଚଳ ଲୋକଙ୍କ ସୁରକ୍ଷା ଦାବି କଲା ଯୁବ ପରିଷଦ

କେନ୍ଦୁଝର, ୨୦।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଖଣି ଅଞ୍ଚଳର ଲୋକଙ୍କ ସୁରକ୍ଷା ଲାଗି କରୋନା ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ଖଣିଜ ଦ୍ରବ୍ୟ ପରିବହନ ଉପରେ କଟକଣା ଲଗାଇବା ଲାଗି କେନ୍ଦୁଝର ଯୁବ ପରିଷଦ ଜିଲାପାଳଙ୍କ ନିକଟରେ ଲିଖିତ ଭାବେ ଦାବି କରିଛି। ପରିଷଦ ପକ୍ଷରୁ କୁହାଯାଇଛି ଯେ, ଖଣି ଖଣିଖାଦାନ ଓ ଅଫିସଗୁଡିକରେ ରାଜ୍ୟ ବାହାରର ବହୁ ଶ୍ରମିକ ଓ କର୍ମଚାରୀ କାମ କରୁଛନ୍ତି। ଲୁହାପଥର ପରିବହନ ଯୋଗୁ ଗାଡି ଚାଳକ ଓ ହେଲପରଙ୍କ ଯିବାଆସିବା ଲାଗ ରହୁଛି। ଏଣୁ ଏ ଦିଗରେ ଅଧିକ ସତର୍କତା ଅବଲମ୍ବନ କରାଯିବା ଦରକାର। ସେହିପରି କେନ୍ଦୁଝରଗଡ ପୌରାଞ୍ଚଳରେ ମଇଳା ଆବର୍ଜନା ସଫେଇ ଠିକ ଭାବେ ହେଉ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାର ପ୍ରତିକାର ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ପରିଷଦର ଆବାହକ ବରୋଦା ପ୍ରସନ୍ନ ଦାସ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ପାଟଣାରେ ବ୍ଲକସ୍ତରୀୟ ସଚେତନତା

ପାଟଣା, ୨୦।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ସଭା ଗୃହରେ ଶୁକ୍ରବାର ପୂର୍ବାହ୍ନରେ କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସ୍ୱତନ୍ତ୍ର ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧୀନ ୨୦ଟି ପଞ୍ଚାୟତର ସମିତି ସଭ୍ୟ ଓ ବ୍ଲକର ସମସ୍ତ କର୍ମଚାରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପଟଣା ବିଡ଼ିଓ ଈଶ୍ୱର ଚନ୍ଦ୍ର ନାଏକ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ମୁଖ୍ୟବକ୍ତା ଭାବେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡ଼ା. ସୁପ୍ରକାଶ ଶତପଥୀ, ସମ୍ମାନନୀୟ ଅତିଥି ଭାବେ ବ୍ଲକ ଅଧକ୍ଷ ବିଶ୍ୱନାଥ ନାଏକ, ବ୍ଲକ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଜିପିଓ ରଶ୍ମିରେଖା ମହାନ୍ତି, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ସାହୁ ଓ କେନ୍ଦେଇ ସମିତି ସଭ୍ୟ ମିତ୍ରଭାନୁ ମହାନ୍ତଙ୍କ ସମେତ ବ୍ଲକର ସମସ୍ତ ସମିତି ସଭ୍ୟ ଉପସ୍ଥିତ ରହିଥିଲେ। ଏହି ଅବସର ରେ ଡ଼ା. ଶତପଥୀ କରୋନା ସଂକ୍ରାନ୍ତରେ ଆଗାମୀ ୧୫ ରୁ ୨୧ ଦିନ ପର୍ଯ୍ୟନ୍ତ ସତର୍କତା ଅବଲମ୍ବନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ସମୟମଧରେ ସଂକ୍ରମଣ ସନ୍ଦିଗ୍ଧ ଲୋକଙ୍କ ଠାରୁ ୧ ମିଟର ବ୍ୟବଧାନରେ ରହିବା, ଦରକାର ନ ଥିଲେ ଜନଗହଳି ପୂର୍ଣ୍ଣ ସ୍ଥାନ କୁ ନ ଯିବା ଓ ସର୍ବଦା ସାବୁନ ରେ ହାତ ଧୋଇ ପାପୁଲିକୁ ସଂକ୍ରମଣ ରକ୍ଷା କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

# ବଢ଼ିଛି ମହିଳା ସଙ୍କୀର୍ତ୍ତନ ମଣ୍ଡଳୀର ଆଦୃତି

- ଗାଁ ଦାଣ୍ଡରେ ନିୟମିତ କରନ୍ତି ଅଭ୍ୟାସ
- ବରାଦ ପାଇଲେ ବିଭିନ୍ନ ସ୍ଥାନକୁ ଯାଆନ୍ତି
- ରୋଜଗାର ସାଙ୍ଗକୁ ମିଳୁଛି ଆଧ୍ୟାତ୍ମିକ ଆନନ୍ଦ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୨୦।୩



ମହିଳାମାନେ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି।

ସମାଜରେ ଆଧାତ୍ମିକ ଭାବନା ସୃଷ୍ଟି କରିବା ସହ କିଛି ରୋଜଗାର କରି ପେଟ ପୋଷିବା ଲାଗି ମହିଳାମାନେ ଆଗଭର ହୋଇ ପାଲା, ସଙ୍କୀର୍ତ୍ତନ ଭଳି କାର୍ଯ୍ୟକୁ ଆଦରି ନେଉଛନ୍ତି। କଳା ସଂସ୍କୃତିର ପ୍ରଚାର ଲକ୍ଷ୍ୟ ନେଇ ବର୍ଷେ ତଳେ କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଦୋବଲାପାଳ ଗାଁରେ ଗଢି ଉଠିଥିବା ମା' କାଳୀ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ନିଜ ଅଞ୍ଚଳରେ ଏଥିଲାଗି ସୁନାମ ଅର୍ଜନ କରିପାରିଛନ୍ତି। ଏହି ମଣ୍ଡଳୀରେ ମୋଟ ୨୬ ମହିଳା ସଦସ୍ୟା ରହିଛନ୍ତି। ସେମାନଙ୍କ ସାଥିରେ ବାଦ୍ୟ ବଜାଇବା ସହ ତାଳ ଧରିବାକୁ ୨ରୁ ୩ ଜଣ ପୁରୁଷ ସଦସ୍ୟ ଅଛନ୍ତି। ଖୋଳ ବାଦ୍ୟ ବଜାଉଥିବାରୁ ସେମାନଙ୍କୁ ଖୋଳିଆ ଓ ତାଳଧରୁଥିବାରୁ ତାଲୁଆ ସ୍ଥାନୀୟ ଭାଷାରେ କୁହାଯାଏ। ଏହି ସଂଗଠନର ସଦସ୍ୟାମାନେ ବିଭିନ୍ନ ସ୍ଥାନକୁ ଯାଇ ନାମଯଜ୍ଞ, ବ୍ରତ, ପୁନେଇ ପରବ ଆଦି ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ‘ହରେ କୃଷ୍ଣ ହରେ ରାମ’ ଆଦି ନାମ ଜପି ସଙ୍କୀର୍ତ୍ତନ କରିବା ସହ ନୃତ୍ୟ ପରିବେଷଣ କରିଥାନ୍ତି। ଭାବାବେଗ ହୋଇ ଭଗବାନଙ୍କ ନାମ ସ୍ମରଣ କରି ସେମାନେ ସମସ୍ତଙ୍କୁ ଭକ୍ତି ଭାବରେ ବାନ୍ଧି ରଖିଥାନ୍ତି।

ସଂଗଠନର କେତେକ ସଦସ୍ୟା କହିଛନ୍ତି, ସେମାନେ ଆଗରୁ ସଙ୍କୀର୍ତ୍ତନ ଲାଗି ଗାଁରେ ଅଭ୍ୟାସ କରିଥାନ୍ତି। ସବୁଦିନ ଭାଗବତ ପାଠ ପଢାଯିବା ପରେ ନାମ ସଙ୍କୀର୍ତ୍ତନ କରାଯାଇଥାଏ। ଗାଁ ଦାଣ୍ଡରେ ସେମାନେ ଅଭ୍ୟାସ କାର୍ଯ୍ୟ କରିଥାନ୍ତି ବୋଲି ପୁଷ୍ପଲତା ସାହୁ ନାମ୍ନୀ ଜଣେ ଜଣେ ସଦସ୍ୟା କହିଛନ୍ତି। ସେ ଭୁବନେଶ୍ୱରରେ ରହୁଥିଲେ ମଧ ସଙ୍କୀର୍ତ୍ତନ ପାଇଁ ବରାଦ ଆସିଲେ ଗାଁକୁ ଆସି ଏଥିରେ ସାମିଲ ହୋଇଥାନ୍ତି। ଏହି ମଣ୍ଡଳୀର ସଦସ୍ୟାମାନେ ସରକାରୀ ଓ ଘରୋଇ ଚାକିରି କରିବା ସାଙ୍ଗକୁ ଚାଷବାସ କାମ କରୁଛନ୍ତି। ସେମାନଙ୍କ କହିବା କଥା ହେଲା, ଏ ଅଞ୍ଚଳରେ ପ୍ରତ୍ୟେକ ଗ୍ରାମରେ ପ୍ରାୟ ଅଷ୍ଟପ୍ରହର ନାମଯଜ୍ଞ ହୋଇଥାଏ। ବହୁ ଆଗରୁ ଏହି ପରମ୍ପରା ପାଳିତ ହୋଇଆସୁଛି। ଏହି ନାମଯଜ୍ଞ କଲେ ଗ୍ରାମବାସୀଙ୍କ ମଙ୍ଗଳ ହେବା ସହ ବର୍ଷା ହୋଇ ଭଲ ଚାଷ କାର୍ଯ୍ୟ ହୋଇଥାଏ ବୋଲି ଲୋକେ ବିଶ୍ୱାସ କରନ୍ତି। ଆଗରୁ ପୁରୁଷମାନେ ନାମଯଜ୍ଞରେ ସାମିଲ ହେଉଥିଲେ। ଏବେ ମହିଳାମାନେ ସଂଗଠିତ ହୋଇ ଏଭଳି କାର୍ଯ୍ୟ କରୁଥିବାରୁ ସେମାନଙ୍କ ଆଦୃତି ବଢିଛି। ବିଭିନ୍ନ ସମୟରେ ସେମାନଙ୍କୁ ଅଷ୍ଟପ୍ରହର ନାମଯଜ୍ଞରେ ଯୋଗଦେବା ଲାଗି ନିମନ୍ତ୍ରଣ ମିଳୁଥିବା ସଦସ୍ୟା କଳାକାର ଅନୀତା ପ୍ରଧାନ କହିଛନ୍ତି। ନାମ ସଙ୍କୀର୍ତ୍ତନରୁ ନିର୍ମଳ ଆନନ୍ଦ ମିଳିଥାଏ ବୋଲି କହିଛନ୍ତି ସଦସ୍ୟା ସୁକାନ୍ତି ପ୍ରଧାନ। ହାତରେ କୁବୁଜି ଧରି ଦେବଦେବୀଙ୍କ ଚାରିପାଖରେ ବୁଲି ଅବିରାମ ନୃତ୍ୟକରି ନାମ ସଙ୍କୀର୍ତ୍ତନ କରିବା ବହୁ କଷ୍ଟସାଧ୍ୟ କାର୍ଯ୍ୟ। ମହିଳାମାନେ ପୁରୁଷଙ୍କ ଭଳି ଅଭ୍ୟାସ କରି ଏହି କାର୍ଯ୍ୟ କରି ପାରୁଛନ୍ତି। ସେମାନଙ୍କ ନାମସଙ୍କୀର୍ତ୍ତନ ଦର୍ଶକ ଓ ଶ୍ରୋତାଙ୍କୁ ବାନ୍ଧି ରଖିପାରୁଛି ବୋଲି ସ୍ଥାନୀୟ ରାସପୂଜା କମିଟି ସମ୍ପାଦକ ଧୀରେନ୍ଦ୍ର ରାଉତ କହିଛନ୍ତି। ସମ୍ପ୍ରତି ତେଲକୋଇ ବ୍ଲକରେ ଏଭଳି ଆହୁରି ଅନେକ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ଗଢି ଉଠିଥିବା ସୂଚନା ମିଳିଛି।

